Postal Regd.No.:
BGR - 02 / 2021 - 2023
ବର୍ଷ - ୨୧ ■ ସଂଖ୍ୟା - ୦୯
Volum.-21 ■ Issue No.- 09
Sunday ■ Balangir
ରବିବାର ■ ବଲାଙ୍ଗିର

# KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୦୩ ଜାନୁଆରୀ - ୦୯ ଜାନୁଆରୀ ୨୦୨୧ / 03 Jan. - 09 Jan. 2021 / Odia Weekly / 8 Pages / Rs.2/- only

## କୋଶଳ କଳାମଣ୍ଡଳର ପ୍ଲାଟିନମ ଜୁବ୍‌ଲି ଶୁଭାରମ୍ଭ
# 'ଚତୁରଙ୍ଗ' ନୂତନ ପ୍ରସ୍ତ ପ୍ରଚ୍ଛଦ ଉନ୍ମୋଚିତ

ବଲାଙ୍ଗିର, (କେପିଏନ୍‌ଏସ୍) : ବଲାଙ୍ଗିରର ସମୃଦ୍ଧ ଅତୀତ ଓ ବିପୁଳ ସାଂସ୍କୃତିକ ବିଭବର ମୁକସାକ୍ଷୀ ଭାବରେ କୋଶଳ କଳାମଣ୍ଡଳ ଅଞ୍ଚଳର ସାଂସ୍କୃତିକ ଚେତନାର ପ୍ରତୀକ । ସ୍ୱାଧୀନତା ପୂର୍ବରୁ ଓ ପରେ ମଧ୍ୟ ଓଡିଆ ସାହିତ୍ୟ ସହ ଓଡିଶାର ସାଂସ୍କୃତିକ ପରମ୍ପରାକୁ ଉତ୍ତରଣର ଶିଖର ପର୍ଯ୍ୟାୟକୁ ନେଇଯାଇଥିଲା କଳାମଣ୍ଡଳର ମୁଖପତ୍ର ଚତୁରଙ୍ଗ । ବହୁ ବିଜ୍ଞ ଲେଖକଙ୍କ ଲେଖାରେ ସମୃଦ୍ଧ, ୫୧ଟି ମାସିକ ପତ୍ର ଭାବରେ ଆଜି ବି ଏହି ପ୍ରକାଶନ ତଦାନିନ୍ତନ ସାରସ୍ୱତ ପ୍ରବାହର ସ୍ୱାକ୍ଷର । କୋଶଳ କଳାମଣ୍ଡଳ ସ୍ଥାପନର ୭୫ ବର୍ଷ ପୂର୍ତ୍ତୀ




ପ୍ଲାଟିନମ ଜୁବୁଲି ଅବସରରେ ଚତୁରଙ୍ଗର ନୂତନ ପ୍ରସ୍ତ ପ୍ରକାଶନ ପାଇଁ ପ୍ରଚ୍ଛଦ ବିମୋଚନ ଅବସରରେ ଏହି ମତ ପ୍ରକାଶ ପାଇଛି ।

କୋଭିଡ କଟକଣା ମଧ୍ୟରେ ଜିଲା ପାଠାଗାର ଭିତରେ କୋଶଳ କଳାମଣ୍ଡଳ କମିଟି ସଦସ୍ୟ, ଚତୁରଙ୍ଗ ସମ୍ପାଦନା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଓ ଚତୁରଙ୍ଗ ସମ୍ପାଦନା ମଣ୍ଡଳୀ ସହ ନିମନ୍ତ୍ରିତ ଅତିଥିଙ୍କୁ ନେଇ ଆୟୋଜିତ ଏହି ପ୍ରଚ୍ଛଦ ବିମୋଚନ (ସପ୍ତମ ପୃଷ୍ଠା ଦେଖନ୍ତୁ)
















ନବବର୍ଷ – ୨୦୨୧ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରିରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




ନୂଆବର୍ଷ ୨୦୨୧ ଓଡ଼ିଶାବାସୀଙ୍କ ପାଇଁ ସୁଖମୟ ହେଉ । ସମସ୍ତଙ୍କ ପାଇଁ ଆନନ୍ଦ, ସମ୍ଭାବନା ଓ ସମୃଦ୍ଧିର ବର୍ଷ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।

ମୋର ପୂର୍ଣ୍ଣ ବିଶ୍ୱାସ ୨୦୨୧ରେ ବିଶ୍ୱରୁ କରୋନା ସଂକଟ ଦୂର ହେବ ଏବଂ ଭାରତ ସହିତ ଓଡ଼ିଶା ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହେବ ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା




ନବବର୍ଷ-୨୦୨୧ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନୂଆବର୍ଷ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ । ଏହା ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।

ସମ୍ପ୍ରତି ଜାରି କରାଯାଇଥିବା କରୋନା ସଂକ୍ରମଣ ଜନିତ କଟକଣା ଅନୁପାଳନ କରିବା ଏବଂ ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ନିମନ୍ତେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-70 OIPR-15001/13/0113/2021

## ସଂପାଦକୀୟ

# ପିଲାଙ୍କ ପାଠ ପଢ଼ା ଏବେ କେଉଁଠି..

କରୋନା ମହାମାରୀ ସଂକ୍ରମଣର କରାଳତା ଭିତରେ ଚାପି ହୋଇଯାଇଛି ପିଲାଙ୍କ ପାଠପଢ଼ା । ସରକାରଙ୍କ ପକ୍ଷରୁ ଅନ୍‌ଲାଇନ୍ ପାଠ ପଢ଼ା କେତେଦୂର ସଫଳ ହୋଇପାରିଛ, ତାହା ଅବଶ୍ୟ ଊଣା ଅଧିକେ ସମସ୍ତେ ଜାଣନ୍ତି । ଏଭଳି ଅବସ୍ଥାରେ ପିଲାଙ୍କ ପାଠ ପଢ଼ା ଏବେ କେଉଁଠି ବୋଲି ଯଦି ପ୍ରଶ୍ନ ଆସେ, ତେବେ ମୁଣ୍ଡରେ ହାତ ଦେବାକୁ ପଡ଼ିବ, ଯାହା ସ୍ପଷ୍ଟ ।

ଜଣେ ବିଶିଷ୍ଟ ଶିକ୍ଷାବିଦ୍‌ଙ୍କ ସହ ଦେଖା ହେବା ପରେ କଥାବାର୍ତ୍ତା ଧୀରେ ଧୀରେ ଏହି ପ୍ରସଙ୍ଗକୁ ଆସିଲା । ପିଲାଙ୍କ ପାଠ ପଢ଼ା ଉପରେ ତାଙ୍କର ତୀକ୍ଷ୍ଣ ଆବେଗ ଅବଶ୍ୟ ଏଠି ପ୍ରକାଶ ଯୋଗ୍ୟ ବୋଲି ମନେହୁଏ । ସେ କ୍ଷୋଭର ସହ କହି ପକାଇଲେ, 'ଏବେ ସମସ୍ତେ ମନ୍ଦିର ଖୋଲା ଯିବ କେମିତି ଏବଂ ଦର୍ଶନ କରିବା କିଭଳି ସହଜସାଧ୍ୟ ହୋଇ ପାରିବ, ସେଥିପାଇଁ ବଡ଼ ବ୍ୟାକୁଳ ଥିବାର ଜଣାପଡୁଛି । କିନ୍ତୁ ସମସ୍ତେ ଭୁଲି ଯାଇଛନ୍ତି ଯେ, ଆଗାମୀ କାଲିର ଭବିଷ୍ୟତ ଶିଶୁ ଈଶ୍ୱରମାନଙ୍କ ମନ୍ଦିର (ବିଦ୍ୟାଳୟ) ଅନେକ ମାସ ହେଲା ବନ୍ଦ ପଡ଼ିଛି ଏବଂ ସେମାନଙ୍କ ପାଠ ପଢ଼ାରେ ଅସମ୍ଭାର ଅପୂରଣୀୟ କ୍ଷତି ଘଟି ସାରିଛି । ଏଇ ଅସଲ୍ ମନ୍ଦିର କେବେ ଓ କିଭଳି ଭାବରେ ତଥା କେଉଁ ସତର୍କତା ଅବଲମ୍ବନରେ ଖୋଲା ଯାଇ ପାରିବ, ସେଥିପାଇଁ ଜନସମୂହରେ ଏତେ ବ୍ୟଗ୍ରତ ପରିଲକ୍ଷିତ ହେଉନାହିଁ, ଯାହା କଦାପି ମଣିଷ ସମାଜ ପାଇଁ ଶୁଭ ଲକ୍ଷଣ ନୁହେଁ ।' ସେହି ମହାତ୍ମାଙ୍କ କଥାରେ ଅବଶ୍ୟ ଗଭୀର ଆବେଗ ଭରି ରହିଥିଲା, ଯାହା ଅନୁଭବ କରି ହେଉଥିଲା ସେତେବେଳେ ।

ଉପରୋକ୍ତ କଥାର ଖିଅକୁ ଧରିଲେ ନିଶ୍ଚୟ ଅଣନିଃଶ୍ୱାସୀ ଲାଗୁଛି । ସେହି ମହାତ୍ମାଙ୍କ କଥା ଶହେରୁ ଶହେ ସତ ତଥା ସିଦ୍ଧ, ଏହାକୁ ଅସ୍ୱୀକାର କରାଯାଇ ନପାରେ । ଏପଟେ କରୋନା ସଂକ୍ରମଣର ଆଶଙ୍କା ଏବେ ବି ସମାଜରେ କଳା ବାଦଲ ଭଳି ଘୋଟି ରହିଛି । ସରକାର ମଧ୍ୟ ଏଇ ଆଶଙ୍କାରୁ ତ୍ରାହି ପାଇ ପାରିନାହାନ୍ତି ବର୍ତ୍ତମାନ ପର୍ଯ୍ୟନ୍ତ । କିନ୍ତୁ ଏବେ ରାଜ୍ୟ ସରକାର ମଧ୍ୟ ଅଂଟା ଭିଡ଼ିଛନ୍ତି । ଆଗାମୀ ୮ ତାରିଖରୁ ଦଶମ ଶ୍ରେଣୀ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏପରିକି ଶନିବାର ଏବଂ ରବିବାର ଦିନ ମଧ୍ୟ ପାଠ ପଢ଼ାଯିବ ବୋଲି କୁହାଯାଇଛି ।

କିନ୍ତୁ ଏତିକିରେ କାମ ହୁଏତ ଚଳିବ ନାହିଁ । ପ୍ରତ୍ୟେକ ଶ୍ରେଣୀର ପିଲାଙ୍କୁ କିଭଳି ସୁବିଧାଜନକ ଭାବେ ଶିକ୍ଷାଦାନ କରାଯାଇ ପାରିବ, ସେଥିପ୍ରତି ସରକାର ତଥା ବୁଦ୍ଧିଜୀବୀମାନେ ନିଶ୍ଚୟ ଚିନ୍ତା କରିବା ଏକାନ୍ତ ଆବଶ୍ୟକ । ନଚେତ୍ ଆଗାମୀ ସମୟ ହୁଏତ ଏକ ବିରାଟ ପ୍ରଶ୍ନ ହୋଇ ଆମ ସାମ୍‌ନାରେ ଠିଆ ହୋଇପାରେ । ଏଥିପ୍ରତି ଯତ୍ନବାନ ହୋଇ ପିଲାଙ୍କ ଭବିଷ୍ୟତ ତଥା ପାଠ ପଢ଼ାକୁ ବିଶେଷ ଭାବେ ଗୁରୁତ୍ୱ ପ୍ରଦାନ କରିବାର ସମୟ ଆସିଛି ।

# ହେ' ଈଶ୍ୱର, ହେ' ପରମେଶ୍ୱର

**ଶରଦିନ୍ଦୁ ଭୂଷଣ ହୋତା**



ବସ୍ତୁବାଦୀ ଜୀବନଚର୍ଯ୍ୟାର ପ୍ରଧାନ ଲକ୍ଷ୍ୟ ହେଉଛି ଯେ ତାହା ଭୋଗସର୍ବସ୍ୱ । ସୁଖପ୍ରାପ୍ତି ହିଁ ଚରମ ଲକ୍ଷ୍ୟ । ସୁଖଭୋଗ ପାଇଁ ବସ୍ତୁଗତ ଉପକରଣ ସଂଗ୍ରହରେ ଚଳନ୍ତି ସମାଜର ଅଧିକାଂଶ ବ୍ୟକ୍ତି ସଦାସର୍ବଦା ବ୍ୟସ୍ତ । ଭୋଗ ପାଇଁ ପ୍ରୟୋଜନ ହେଉଥିବା ବସ୍ତୁସମ୍ଭାର ଅର୍ଥର ବିନିମୟରେ ମିଳିପାରେ । ତେଣୁ ଅର୍ଥାଗମର ବ୍ୟବସ୍ଥା କରିବାରେ ସାଂପ୍ରତିକ ମଣିଷର ଅଧିକାଂଶ ଶକ୍ତି, ସମୟ ଓ ଚିନ୍ତା ନିୟୋଜିତ । ଆଧୁନିକ ମଣିଷର ଜୀବନଚର୍ଯ୍ୟାରେ ଆଜି ଅର୍ଥ ହିଁ ପରମାର୍ଥ, ପଇସା ହିଁ ପରମେଶ୍ୱର ।

ଅର୍ଥ ଆହରଣର ସମସ୍ତ ଉଦ୍ୟମ ଓ ଆୟୋଜନ ସତ୍ତ୍ୱେ ଆଉ ଏକ କଥା ମଧ୍ୟ ସ୍ପଷ୍ଟ ଯେ ବର୍ତ୍ତମାନର ମଣିଷ ଅନୁଭବର ଜଗତରେ ଏକ ଅଭାବବୋଧ ଦ୍ୱାରା ପୀଡ଼ିତ । ହଜାର ବସ୍ତୁସମ୍ଭାର ମଧ୍ୟରେ ବାସ କରି ଓ ଇନ୍ଦ୍ରିୟ ଭୋଗ୍ୟ ସମସ୍ତ ଭୋଗସାମଗ୍ରୀ ହାତ ପାହାନ୍ତାରେ ପାଇ ମଧ୍ୟ ସେ ସତ୍ତାର ଜଗତରେ ଉପବାସୀ ହୋଇ ରହୁଛି । ଆନନ୍ଦର ଅନୁଭବ ଆଜି ବିଡ଼ମ୍ବିତ । ସ୍ୱାଭାବିକ ଆନନ୍ଦପ୍ରାପ୍ତି ପାଇଁ ତା'ର ଅସମର୍ଥତା କୃତ୍ରିମ ଉପାୟର କିଛି ଉଲ୍ଲାସ ସଂଗ୍ରହ କରିନେବାର ଅଭିଯାନରେ ତାକୁ ଗୋଟାପଣେ ପ୍ରମତ୍ତ କରି ରଖୁଛି ।

ବସ୍ତୁ ଜଗତର ସମସ୍ତ ପ୍ରାପ୍ତି ଓ ଉପଭୋଗ ସତ୍ତ୍ୱେ ସତ୍ତାର ଜଗତ ଏମିତି ଶୁଷ୍କ ଓ ବିଡ଼ମ୍ବିତ ରହିଯାଉଥିବାର ମୂଳ କାରଣକୁ ଅନୁଧ୍ୟାନ କରାଯାଉ । ବ୍ୟାପାରଟିର ବାସ୍ତବତା ସ୍ପଷ୍ଟ ସୂଚନା ଦିଏ ଯେ ଆଧୁନିକ ମଣିଷର ବସ୍ତୁ ଆହରଣ ଓ ଅର୍ଥ ଉପାର୍ଜନର ପ୍ରକ୍ରିୟା ମଧ୍ୟରେ କିଛି ମୌଳିକ ତ୍ରୁଟି ବା ବ୍ୟତିକ୍ରମ ରହିଯାଉଛି ।

ମଣିଷ ଦୁଇଟି ଉପାୟରେ ଅର୍ଥ ସଂପଦର ସଂଗ୍ରହ କରିପାରେ । ପ୍ରଥମତଃ ନିଜ ଯୋଗ୍ୟତାର ବିନିଯୋଗ କରି ତା'ର ଅବଦାନ ସ୍ୱରୂପ ସେ ଅର୍ଥ ସଂପଦ ଅର୍ଜନ କରିପାରେ । ଅପରପକ୍ଷେ ଦାମ୍ଭିକ ଓ ଚତୁର କୌଶଳ ପ୍ରୟୋଗ କରି ଛଳେ-ବଳେ-କୌଶଳେ କିଛି ଅର୍ଥ ସମ୍ପଦ ଉପରେ ଆପଣାର ମାଲିକାନା ସାବ୍ୟସ୍ତ କରିପାରେ । ଯେ କୌଣସି ଉପାୟର ଅବଲମ୍ବନରେ ସଂଗୃହୀତ ହୋଇଥିଲେ ମଧ୍ୟ ସଂଗୃହୀତ ଅର୍ଥ ସଂପଦ ଉପରେ ମଣିଷର ମାଲିକାନା ପ୍ରତିଷ୍ଠିତ ହୋଇଥାଏ । ସ୍ଥୂଳଦୃଷ୍ଟିରେ ଏଥିରେ ଥିବା ପାର୍ଥକ୍ୟଟି ଧରାପଡ଼େ ନାହିଁ । ଯେ କୌଣସି ଉପାୟରେ ସଂଗୃହୀତ ହୋଇ କିଛି ଅର୍ଥ ସଂପଦ ଆପଣା ଆୟତ୍ତ ମଧ୍ୟକୁ ଆସିଗଲେ ମଣିଷ ନିଜକୁ ସଂପଦଶାଳୀ ମନେ କରିଥାଏ ଏବଂ ସମାଜ ଦୃଷ୍ଟିରେ ତା'ର ଏହି ଧାରଣା ସ୍ୱୀକୃତି ମଧ୍ୟ ପାଇଥାଏ । ମାତ୍ର ସତ୍ତା ସମ୍ବର୍ଦ୍ଧନାର ପରିପ୍ରେକ୍ଷୀରେ ବିଚାର କରାଗଲେ ଉଭୟ ମଧ୍ୟରେ ଥିବା ମୌଳିକ ପ୍ରାର୍ଥକ୍ୟଟି ବୁଝା ପଡ଼ିଯାଏ ।

ମଣିଷର ଯୋଗ୍ୟତା କହିଲେ କ'ଣ ବୁଝିବା ? ଯୋଗ୍ୟତା ବିନିମୟରେ ସଂପଦ ଆହରଣ କରିବା କିଭଳି ଭାବରେ ହୋଇଥାଏ ? ମନୁଷ୍ୟତା ହେଉଛି ତା'ର ଅସଲ ଯୋଗ୍ୟତା । ଚେତନଶୀଳତା ମନୁଷ୍ୟତାର ମୂଳ ବିନିୟାଦ । ଅନ୍ତର୍ନିହିତ ଚେତନାର ସକ୍ରିୟ ପରିପ୍ରକାଶ ଘଟେ ଅସ୍ତିତ୍ୱର ପାଳନ, ପୋଷଣ, ସମ୍ଭୋଗର ବାସ୍ତବ ବିନିଯୋଗ ହୋଇଥାଏ ନିଃସ୍ୱାର୍ଥ ସେବାକର୍ମର ଭିତର ଦେଇ । ଅପର ଭାଷାରେ କହିଲେ ନିଃସ୍ୱାର୍ଥ ସେବାପ୍ରାଣତା ହିଁ ମନୁଷ୍ୟ ଜୀବନରେ ଯୋଗ୍ୟତାର ସକ୍ରିୟ ପରିପ୍ରକାଶ । ତାହା ବ୍ୟକ୍ତିତ୍ୱବୋଧର ଜାଗରଣ ଘଟାଏ । ସେବା ଉଦ୍‌ବୁଦ୍ଧ ଓ ଜାଗ୍ରତ ବ୍ୟକ୍ତିତ୍ୱ ବହୁଜୀବନ ମଧ୍ୟକୁ ସ୍ୱତଃ ହିଁ ସଂଚାରିତ ହୋଇଥାଏ । ଅନ୍ତର୍ନିହିତ ସତ୍ତା ଚାହିଦାକୁ ବିହିତ ଦକ୍ଷତା, ଦରଦ ଓ ବୋଧଦୃଷ୍ଟି ସହ ପୂରଣ କରିଚାଲିବା, ସେଭଳି ଜାଗ୍ରତ ଓ ଉଦ୍‌ବୁଦ୍ଧ ବ୍ୟକ୍ତିତ୍ୱ ସଂପନ୍ନ ବ୍ୟକ୍ତିମାନଙ୍କର ସ୍ୱାଭାବିକ ଅଭିନିବେଶ ହୋଇଥାଏ । ସେଭଳି ମଣିଷ ସମସ୍ତଙ୍କ ପାଇଁ ଶ୍ରଦ୍ଧାର୍ହ ଓ ଆଶାପ୍ରଦ ହୋଇଥାଏ । ସମସ୍ତେ ତାକୁ ଶ୍ରଦ୍ଧା କରନ୍ତି, ଭଲ ପାଆନ୍ତି ଓ ଭରସା କରିପାରନ୍ତି । ଲୋକପାଳୀ ବ୍ୟକ୍ତିତ୍ୱ ଓ ସେବାପ୍ରବଣ ଚରିତ୍ର ନେଇ ସେ ଲୋକଜୀବନର ଅନିବାର୍ଯ୍ୟ ସ୍ୱାର୍ଥକେନ୍ଦ୍ର ରୂପେ ସ୍ୱାଭାବିକ ପ୍ରତିଷ୍ଠା ପାଇଥାଏ । ଜନଜୀବନର ଅଯାଚିତ ଆଗ୍ରହ ଅବଦାନରେ ତା'ର ଜୀବନ ସଂବୃଦ୍ଧ ଓ ସମୃଦ୍ଧିତ ହୋଇଥାଏ ।

ସ୍ୱାର୍ଥପର ଭାବେ ନିଜ ପାଇଁ ସେ

(ସପ୍ତମ ପୃଷ୍ଠା ଦେଖନ୍ତୁ)

# ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ



- ଆତ୍ମନିର୍ଭର ଭାରତରେ ଯୋଗଦାନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ
- ଦେଶର ଆଶାଆକାଂକ୍ଷା ସହିତ ନିଜ କ୍ୟାରିଅରକୁ ଯୋଡ଼ିବା ନିମନ୍ତେ ଆଇଆଇଏମ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ନୂଆଦିଲ୍ଲୀ / ସମ୍ବଲପୁର, (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ କରିଛନ୍ତି । ଏହି ସମାରୋହରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ରମେଶ ପୋଖରିୟାଲ 'ନିଶଙ୍କ', କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ, ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଇଆଇଏମ ସମ୍ବଲପୁରର ଏହି ସ୍ଥାୟୀ କ୍ୟାମ୍ପସ କେବଳ ଓଡ଼ିଶାର ସଂସ୍କୃତି ଏବଂ ପ୍ରାକୃତିକ ସମ୍ପଦକୁ ପ୍ରଦର୍ଶିତ କରିବ ନାହିଁ ବରଂ ମ୍ୟାନେଜମେଂଟ କ୍ଷେତ୍ରରେ ଓଡ଼ିଶାକୁ ବିଶ୍ୱସ୍ତରରେ ଏକ ପରିଚୟ ପ୍ରଦାନ କରିବ । ସେ କହିଥିଲେ ଯେ ପୂର୍ବରୁ ବାହାରୁ ବହୁରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ଭାରତକୁ ଆସୁଥିବା ବେଳେ ନିକଟ ଅତୀତରେ ଭାରତୀୟ ବହୁରାଷ୍ଟ୍ରୀୟ ସଂସ୍ଥାଙ୍କର ସଂଖ୍ୟା ବୃଦ୍ଧି ପାଇଛି । ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ଷ୍ଟାର୍ଟଅପଗୁଡ଼ିକ ମୁଣ୍ଡ ଟେକୁଥିବା ବେଳେ ଭାରତରେ ସଙ୍କଟଜନକ ପରିସ୍ଥିତି ସତ୍ତ୍ୱେ ଅଧିକ 'ୟୁନିକର୍ଣ୍ଣ'ଗୁଡ଼ିକୁ ଦେଖିବାକୁ ମିଳିଛି । କୃଷି କ୍ଷେତ୍ରରେ ଦ୍ରୁତ ସଂସ୍କାର ଜାରି ରହିଛି । ଏପରି ପରିସ୍ଥିତିରେ ଦେଶର ଆଶାଆକାଂକ୍ଷା ସହିତ ନିଜର କ୍ୟାରିୟରକୁ ଯୋଡ଼ିବା ଲାଗି ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ଏହି ନୂଆ ଦଶନ୍ଧିରେ, ବ୍ରାଣ୍ଡ ଇଣ୍ଡିଆକୁ ଏକ ବିଶ୍ୱସ୍ତରୀୟ ପରିଚୟ ପ୍ରଦାନ କରିବା ଆପଣମାନଙ୍କର ଦାୟିତ୍ୱ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ସ୍ଥାନୀୟ ଉତ୍ପାଦକୁ ବିଶ୍ୱସ୍ତରକୁ ନେଇଯିବାରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ସମ୍ବଲପୁର ଅଂଚଳରେ ରହିଥିବା ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନର ଉନ୍ନତି ନିମନ୍ତେ ଅଭିନବ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ହସ୍ତଶିଳ୍ପ, ବୟନ ଏବଂ ଜନଜାତି କଳା ଆଦିରେ ରହିଥିବା ଅପାର ସମ୍ଭାବନା ଯୋଗୁ ଏସବୁ ସ୍ଥାନୀୟ ଉତ୍ପାଦଗୁଡ଼ିକର ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଆହ୍ୱାନ କରିଥିଲେ । ଆତ୍ମନିର୍ଭର ଭାରତ ଅଭିଯାନରେ ଯୋଗଦାନ କରିବା ଲାଗି ସ୍ଥାନୀୟ ଅଂଚଳରେ ରହିଥିବା ପ୍ରଚୁର ଖଣିଜ ସମ୍ପଦ ଏବଂ ଅନ୍ୟ ସମ୍ବଳର ଉନ୍ନତ ପରିଚାଳନା ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ଆଇଆଇଏମ ଛାତ୍ରଛାତ୍ରୀମାନେ ଆତ୍ମନିର୍ଭର ଭାରତ ମିଶନ, ସ୍ଥାନୀୟ ଉତ୍ପାଦ ଏବଂ ଅନ୍ତର୍ଜାତୀୟ ସହଭାଗିତା ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିପାରିବେ । ତେଣୁ ସେମାନେ ଲୋକାଲକୁ ଗ୍ଲୋବାଲରେ ପରିଣତ କରିବା ଲାଗି ଅଭିନବ ଉପାୟ ସନ୍ଧାନ କରିବାର ଆବଶ୍ୟକତା ରହିଛି । "ଅଭିନବତାର ମିଶ୍ରଣ ଏବଂ ସମାବେଶୀକରଣ"ର ମନ୍ତ୍ର ସହିତ ଆପଣମାନଙ୍କୁ ନିଜର ପରିଚାଳନା ଦକ୍ଷତା ପ୍ରଦର୍ଶିତ କରିବାର ଆବଶ୍ୟକତା ରହିଛି", ଶ୍ରୀ ମୋଦୀ କହିଥିଲେ । ଆଡିଟିଭ ପ୍ରିଂଟିଂ, ପରିବର୍ତ୍ତିତ ଉତ୍ପାଦନ କୌଶଳ, ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳ ପରିଚାଳନା ଭଳି ନୂତନ ଜ୍ଞାନକୌଶଳ ଆଦି କ୍ଷେତ୍ରରେ ଦେଖା ଦେଇଥିବା ନୂତନ ପରିଚାଳନାଗତ ଆହ୍ୱାନ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ଏହିସବୁ ପ୍ରଯୁକ୍ତି ଡିଜିଟାଲ ସଂଯୋଗ ସହିତ ମିଶିବା ଏବଂ ଯେକୌଣସି ସ୍ଥାନରୁ କାର୍ଯ୍ୟ କରିବାର ଧାରା ଆରମ୍ଭ ହେବା ପରେ ସମଗ୍ର ବିଶ୍ୱ ଏକ ବୈଶ୍ୱିକ ଗ୍ରାମରେ ପରିଣତ ହୋଇଛି । ବିଗତ କିଛିମାସ ଧରି ଭାରତ ଅନେକ ସଂସ୍କାରକୁ ଗ୍ରହଣ କରିଛି । କେବଳ ପରିବର୍ତ୍ତନକୁ ଗ୍ରହଣ କରିନାହିଁ ବରଂ ସେଗୁଡ଼ିକୁ ଆଶାନୁରୂପ ହେବା ଏବଂ ଅତିକ୍ରମ କରିବାକୁ ଚେଷ୍ଟା କରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ପରିବର୍ତ୍ତିତ କାର୍ଯ୍ୟଶୈଳୀ ପରିଚାଳନା ଦକ୍ଷତାର ଚାହିଦା ଉପରେ ପ୍ରଭାବ ପକାଉଛି । ଟପ-ଡାଉନ କିମ୍ବା ଟପ-ହେଭି ପରିଚାଳନା ଦକ୍ଷତା ପରିବର୍ତ୍ତେ ଏବେ ସହଭାଗୀ, ଅଭିନବ ଏବଂ ପରିବର୍ତ୍ତନକାରୀ ପରିଚାଳନାର ଆବଶ୍ୟକତା ଦେଖାଦେଇଛି । ବୋଟ୍ସ ଏବଂ ଆଲଗୋରିଦିମର ପରିଦୃଶ୍ୟ ସହିତ, ପ୍ରଯୁକ୍ତିଗତ ପରିଚାଳନା ଏବେ ମାନବ ପରିଚାଳନା ଭଳି ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ।

ଭାରତରେ କୋଭିଡ ସଂକଟକୁ ଯେପରି ଭାବେ ବ୍ୟାପକ ସ୍ତରରେ ଅଭିନବ ଢଙ୍ଗରେ ଏବଂ ସହଭାଗିତା ମାଧ୍ୟମରେ ପରିଚାଳନା କରାଯାଇପାରିଲା ସେ ଦିଗରେ ଗବେଷଣା କରିବା ଲାଗି ଶ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏତେ କମ ସମୟ ମଧ୍ୟରେ କ୍ଷମତା ଓ ସାମର୍ଥ୍ୟକୁ କିପରି ଭାବେ ବୃଦ୍ଧି କରାଯାଇପାରିଲା ସେ ସମ୍ପର୍କରେ ଅଧ୍ୟୟନ କରିବା ଲାଗି ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ । ଦେଶ ସ୍ୱଳ୍ପ ଅବଧିର ସମାଧାନକୁ ଛାଡ଼ି ଦୀର୍ଘକାଳୀନ ସମାଧାନର ଆଭିମୁଖ୍ୟ ଆପଣାଇଥିବାରୁ ସେ ଆନନ୍ଦ ବ୍ୟକ୍ତ କରିଥିଲେ । ସେ ଜନ ଧନ ବ୍ୟାଙ୍କ ଖାତା ଏବଂ ଏଲପିଜି ସଂଯୋଗ ସଂଖ୍ୟା ବୃଦ୍ଧିର ଉଦାହରଣ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ୨୦୧୪ରେ ଏଲପିଜି ସଂଯୋଗ ମାତ୍ର ୫୫ ପ୍ରତିଶତ ଥିବା ବେଳେ ଆଜି ଏହା ୯୮ ପ୍ରତିଶତରେ ପହଁଚିଛି । ବ୍ୟାପକ ସ୍ତରରେ ଅଭିନବତାକୁ ଆପଣାଇବା, ଯୋଜନା ପ୍ରସ୍ତୁତ କରିବା ଏବଂ ଯୋଜନାକୁ କାର୍ଯ୍ୟକାରୀ କରିବା ଦ୍ୱାରା ଏହା ସମ୍ଭବପର ହୋଇପାରିଛି ବୋଲି ସେ କହିଥିଲେ । "ମ୍ୟାନେଜମେଂଟର ଅର୍ଥ କେବଳ ବଡ଼ କମ୍ପାନୀ ଚଳାଇବା ନୁହେଁ ବରଂ ମ୍ୟାନେଜମେଂଟ ହେଉଛି ଜନଜୀବନର ସମସ୍ୟା ଦୂର କରିବା", ପ୍ରଧାନମନ୍ତ୍ରୀ କହିଥିଲେ ।

ଭଲ ମ୍ୟାନେଜର ହେବାକୁ ହେଲେ ଦେଶରେ ରହିଥିବା ସମସ୍ୟାଗୁଡ଼ିକୁ ବୁଝିବା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏହି କାରଣରୁ, ଉଚ୍ଚ ଶିକ୍ଷା ସଂସ୍ଥାନଗୁଡ଼ିକରେ ବ୍ୟାପକ ସୁଯୋଗ ରହିବା ଜରୁରି ଏବଂ ସେମାନେ କେବଳ ନିଜର ବିଶେଷଜ୍ଞତା ମଧ୍ୟରେ ସୀମିତ ରହିବା ଅନୁଚିତ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜାତୀୟ ଶିକ୍ଷାନୀତିରେ ଏକ ବିସ୍ତୃତ, ବହୁବିଷୟକ ଏବଂ ସାମଗ୍ରିକ ଦୃଷ୍ଟିକୋଣ ନେଇ ସମୟ ସହ ବଦଳୁଥିବା ପେସାଦାର ଶିକ୍ଷା ବ୍ୟବସ୍ଥାରେ ରହିଥିବା ବାଧାଗୁଡ଼ିକୁ ଦୂର କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି ।

## ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠ ପଢ଼ା ଜାନୁଆରୀ ୮ରୁ ଆରମ୍ଭ ହେବ : ୧୦୦ ଦିନ ହେବ ପାଠପଢ଼ା

ଭୁବନେଶ୍ୱର, (ନିପ୍ର) ; କୋଭିଡ୍ କଟକଣା ଯୋଗୁଁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ଥିବା ବେଳେ ରାଜ୍ୟ ସରକାର ଆସନ୍ତା ୮ ତାରିଖରୁ ସ୍କୁଲ ଖୋଲିବାକୁ ଯାଉଛନ୍ତି । ତେବେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ପଢ଼ିବାକୁ ଯିବେ । ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହେଉଥିବା ବାର୍ଷିକ ପରୀକ୍ଷା ନିମନ୍ତେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ ପ୍ରସ୍ତୁତ କରିବା ସହିତ ବିଭିନ୍ନ ସମୟରେ ଅନୁଷ୍ଠିତ ସର୍ବ ଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିବା ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରିବାକୁ ହେବ । ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶିକ୍ଷାନୁଷ୍ଠାନ ଖୋଲିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ।

ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ନିମନ୍ତେ ଜାନୁଆରୀ ୮ ତାରିଖରୁ ଅପ୍ରେଲ ୨୬ ତାରିଖ ପର୍ଯ୍ୟନ୍ତ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ଦେବା ପାଇଁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ଜାନୁଆରୀ ୮ରୁ ଅପ୍ରେଲ ୨୮ ପର୍ଯ୍ୟନ୍ତ ଚାଲିବ । ଦଶମ ଶ୍ରେଣୀ ପିଲାମାନଙ୍କର ପ୍ରାକ୍ଟିକାଲ୍ ପରୀକ୍ଷା ଗୁଡ଼ିକ ଅପ୍ରେଲ ୨୭ରୁ ମଇ ୨ ତାରିଖ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପାଇଁ ଅପ୍ରେଲ ୨୯ରୁ ମଇ ୧୪ ତାରିଖ ପର୍ଯ୍ୟନ୍ତ ହେବ । ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷା ମଇ ୩ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମଇ ୧୫ରୁ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ଉପରୋକ୍ତ ନିର୍ଘଣ୍ଟ ଅନୁସାରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ଶନିବାର/ରବିବାରକୁ ମିଶାଇ ୧୦୦ ଦିନ ପାଠପଢ଼ା ହେବ । ପାଠପଢ଼ା ନିମନ୍ତେ ଏକ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି । ଏହି ମାର୍ଗଦର୍ଶିକା ଅନୁସାରେ ସରକାରୀ ସାହାଯ୍ୟପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲିବ । ଏହା ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ବାଧ୍ୟତାମୂଳକ ହେବ । ଏଠାରେ ସୂଚନାଯୋଗ୍ୟ ଯେ, କୋଭିଡ୍ ମହାମାରୀ କାରଣରୁ ଗତ ମାର୍ଚ୍ଚ ମାସରୁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଭିନ୍ନ ମାଧ୍ୟମରେ ଅନ୍‌ଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା କରିଥିଲେ ।


ନବବର୍ଷ ଶୁଭେଚ୍ଛା
ଆଗଲପୁର ପଞ୍ଚାୟତ ସମିତିର ଜନସାଧାରଣଙ୍କୁ ନବବର୍ଷ-୨୦୨୧ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ମନମୋହନ ପଟେଲ ଉପାଧ୍ୟକ୍ଷ, ଆଗଲପୁର ପଞ୍ଚାୟତ ସମିତି


ନବବର୍ଷ-୨୦୨୧ ଶୁଭେଚ୍ଛା
ଶ୍ରୀମତୀ ଜ୍ୟୋସ୍ନାମୟୀ ତିପାଠୀ
ବିମଳ କିଶୋର ମିଶ୍ର
ସଦାଇପାଲି, ବଲାଙ୍ଗିର


ନବବର୍ଷ-୨୦୨୧ ଶୁଭେଚ୍ଛା
ପୁଇଁନ୍ତଲା ବ୍ଲକ୍ ତଥା ବହଲପଦର ଗ୍ରା.ପ.ର ଜନସାଧାରଣଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ।
ମୀନତି ବିଶି
ସରପଞ୍ଚ, ବହଲପଦର ଗ୍ରା.ପ., ପୁଇଁନ୍ତଲା
ପ୍ରମୋଦ କୁମାର ବିଶି
ନାଏବ ସରପଞ୍ଚ, ବହଲପଦର ଗ୍ରା.ପ., ପୁଇଁନ୍ତଲା


୨୦୨୧
"ନୂତନ ବର୍ଷର ଅଭିନନ୍ଦନ"
ମାଁ ସମଲେଶ୍ୱରୀ, ପାଟଣେଶ୍ୱରୀ ଓ ସୁରେଶ୍ୱରୀଙ୍କ ଅପାର କରୁଣାରେ
ନୂତନ ବର୍ଷ ଆପଣ ମାନଙ୍କ ପାଇଁ ମଙ୍ଗଳମୟ ହେଉ...
ସୁଧାନିଧି ଦିପ୍
ବଲାଙ୍ଗିର ନଗର ଯୁବ ବିଜେଡି ସଭାପତି


ଶୁଭ ନବବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ । ଜଗତର ନାଥ ଜଗନ୍ନାଥ, ମା' ସମଲେଇ, ମା' ପାଟଣେଶ୍ୱରୀ ସମସ୍ତଙ୍କ ମଙ୍ଗଳ କରନ୍ତୁ । ନବବର୍ଷ-୨୦୨୧ ଅବସରରେ ବଲାଙ୍ଗିରବାସୀ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ଭବାନୀ ଶଙ୍କର ମିଶ୍ର, ସଭାପତି : ପ୍ରାଥମିକ ଶିକ୍ଷକ ସଂଘ, ପୁଇଁନ୍ତଲା ବ୍ଲକ


ନବବର୍ଷ-୨୦୨୧
ସମସ୍ତଙ୍କ ପାଇଁ
ମାଗଲମୟ ହେଉ ।
ଆଶୀର୍ବାଦ ସାହୁ
ବ୍ଲକ ସଭାପତି
ବିଜୁ ଯୁବ ଜନତା ଦଳ, ବଲାଙ୍ଗିର


ବିଜୁ ଜନତା ଦଳ
ନୂତନ ବର୍ଷର ଅଭିନନ୍ଦନ
୨୦୨୧
ରାଜେନ୍ଦ୍ର ହୋତା
ଜିଲ୍ଲା ଯୁବ ସଭାପତି
ବିଜୁ ଜନତା ଦଳ, ବଲାଙ୍ଗିର


ମହାବୀର ଜୁନିୟର କଲେଜ
ଇଂରାଜୀ ନବବର୍ଷ-୨୦୨୧
ଉପଲକ୍ଷେ ସମସ୍ତଙ୍କୁ
ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।
ଏହି ବର୍ଷଟି ଆପଣମାନଙ୍କ
ପାଇଁ ସୁଖମୟ ହେଉ ।
ଅଧ୍ୟକ୍ଷ
ବିଜୟ କୁମାର ହୋତା

## ଜାନୁଆରୀ

| | | | | | |
|---|---|---|---|---|---|
| ରବି | ୩୧ | ୩ | ୧୦ | ୧୭ | ୨୪ |
| ସୋମ | | ୪ | ୧୧ | ୧୮ | ୨୫ |
| ମଙ୍ଗଳ | | ୫ | ୧୨ | ୧୯ | ୨୬ |
| ବୁଧ | | ୬ | ୧୩ | ୨୦ | ୨୭ |
| ଗୁରୁ | | ୭ | ୧୪ | ୨୧ | ୨୮ |
| ଶୁକ୍ର | ୧ | ୮ | ୧୫ | ୨୨ | ୨୯ |
| ଶନି | ୨ | ୯ | ୧୬ | ୨୩ | ୩୦ |




## ଫେବୃଆରୀ

| | | | | | |
|---|---|---|---|---|---|
| ରବି | | ୭ | ୧୪ | ୨୧ | ୨୮ |
| ସୋମ | ୧ | ୮ | ୧୫ | ୨୨ | |
| ମଙ୍ଗଳ | ୨ | ୯ | ୧୬ | ୨୩ | |
| ବୁଧ | ୩ | ୧୦ | ୧୭ | ୨୪ | |
| ଗୁରୁ | ୪ | ୧୧ | ୧୮ | ୨୫ | |
| ଶୁକ୍ର | ୫ | ୧୨ | ୧୯ | ୨୬ | |
| ଶନି | ୬ | ୧୩ | ୨୦ | ୨୭ | |

## ମାର୍ଚ୍ଚ

| | | | | | |
|---|---|---|---|---|---|
| ରବି | | ୭ | ୧୪ | ୨୧ | ୨୮ |
| ସୋମ | ୧ | ୮ | ୧୫ | ୨୨ | ୨୯ |
| ମଙ୍ଗଳ | ୨ | ୯ | ୧୬ | ୨୩ | ୩୦ |
| ବୁଧ | ୩ | ୧୦ | ୧୭ | ୨୪ | ୩୧ |
| ଗୁରୁ | ୪ | ୧୧ | ୧୮ | ୨୫ | |
| ଶୁକ୍ର | ୫ | ୧୨ | ୧୯ | ୨୬ | |
| ଶନି | ୬ | ୧୩ | ୨୦ | ୨୭ | |

## ଅପ୍ରେଲ

| | | | | | |
|---|---|---|---|---|---|
| ରବି | | ୪ | ୧୧ | ୧୮ | ୨୫ |
| ସୋମ | | ୫ | ୧୨ | ୧୯ | ୨୬ |
| ମଙ୍ଗଳ | | ୬ | ୧୩ | ୨୦ | ୨୭ |
| ବୁଧ | | ୭ | ୧୪ | ୨୧ | ୨୮ |
| ଗୁରୁ | ୧ | ୮ | ୧୫ | ୨୨ | ୨୯ |
| ଶୁକ୍ର | ୨ | ୯ | ୧୬ | ୨୩ | ୩୦ |
| ଶନି | ୩ | ୧୦ | ୧୭ | ୨୪ | |







**ମାନଭଞ୍ଜନ ମିଶ୍ର**

ମାତୃକୃପା ହୋମିଓ
ପାଟଣେଶ୍ୱରୀ ମାର୍କେଟ କଂପ୍ଲେକ୍ସ,
ଜଗନ୍ନାଥପଡ଼ା, ବଲାଙ୍ଗିର
ମୋ.ନଂ.୯୪୩୭୯୧୮୯୬୩





## ମଇ

| | | | | | |
|---|---|---|---|---|---|
| ରବି | ୩୦ | ୨ | ୯ | ୧୬ | ୨୩ |
| ସୋମ | ୩୧ | ୩ | ୧୦ | ୧୭ | ୨୪ |
| ମଙ୍ଗଳ | | ୪ | ୧୧ | ୧୮ | ୨୫ |
| ବୁଧ | | ୫ | ୧୨ | ୧୯ | ୨୬ |
| ଗୁରୁ | | ୬ | ୧୩ | ୨୦ | ୨୭ |
| ଶୁକ୍ର | | ୭ | ୧୪ | ୨୧ | ୨୮ |
| ଶନି | ୧ | ୮ | ୧୫ | ୨୨ | ୨୯ |

## ଜୁନ୍

| | | | | | |
|---|---|---|---|---|---|
| ରବି | | ୬ | ୧୩ | ୨୦ | ୨୭ |
| ସୋମ | | ୭ | ୧୪ | ୨୧ | ୨୮ |
| ମଙ୍ଗଳ | ୧ | ୮ | ୧୫ | ୨୨ | ୨୯ |
| ବୁଧ | ୨ | ୯ | ୧୬ | ୨୩ | ୩୦ |
| ଗୁରୁ | ୩ | ୧୦ | ୧୭ | ୨୪ | |
| ଶୁକ୍ର | ୪ | ୧୧ | ୧୮ | ୨୫ | |
| ଶନି | ୫ | ୧୨ | ୧୯ | ୨୬ | |


GALAXY HIGHER SECONDARY SCHOOL
BALANGIR

**Galaxy Arts Higher Secondary School**

**Pakhanchepa, Balangir**

website- galaxyeducation.in
Email id - galaxyeducation1999@gmail.com
Contact No. : 9853921939, 9437571222, 9348639473

## ବିଶେଷ ପର୍ବପର୍ବାଣି

**ଜାନୁଆରୀ**
୦୬ : ପଠାଣି ସାମନ୍ତଙ୍କ ତିରୋଧାନ ଦିବସ, ୧୨ : ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ, ୧୪ : ମକର ସଂକ୍ରାନ୍ତି, ୨୩ : ନେତାଜୀ ଜୟନ୍ତୀ, ୨୮ : ଦେବାଭିଷେକ ପୂର୍ଣ୍ଣିମା, ୩୦ : ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ।

**ଫେବୃଆରୀ**
୧୬ : ଶ୍ରୀପଞ୍ଚମୀ ସରସ୍ୱତୀ ପୂଜା, ୨୪ : ବରାହ ଦ୍ୱାଦଶୀ, ୨୭ : ମାଘ ପୂର୍ଣ୍ଣିମା ।

**ମାର୍ଚ୍ଚ**
୧୧ : ଶିବରାତ୍ରି (ଜାଗର), ୧୩ : ଫାଲ୍‌ଗୁନ ଅମାବାସ୍ୟା, ୨୨ : ରାଷ୍ଟ୍ରୀୟ ନବବର୍ଷ ଆରମ୍ଭ, ୨୮ : ଦୋଳ ପୂର୍ଣ୍ଣିମା ।

**ଅପ୍ରେଲ**
୦୧ : ଉତ୍କଳ ଦିବସ, ୨ : ଗୁଡ୍ ଫ୍ରାଇଡେ, ୧୨ : ବାସନ୍ତୀକା ନବଦିନାତ୍ମକ ପୂଜା ଆରମ୍ଭ, ୧୪ : ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ୨୧ : ଶ୍ରୀରାମ ନବମୀ, ୨୮ : ମଧୁବାବୁ ଜୟନ୍ତୀ ।

**ମଇ**
୦୧ : ଶ୍ରମିକ ଦିବସ, ୧୪ : ଇଦୁଲ୍ ଫିତର୍, ୧୫ : ଅକ୍ଷୟ ତୃତୀୟା, ୧୭ : ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ, ୨୧ : ସୀତା ନବମୀ ।

**ଜୁନ୍**
୧୦ : ସାବିତ୍ରୀ ଅମାବାସ୍ୟା, ୧୪ : ପହିଲି ରଜ, ୧୬ : ଶୀତଳ ଷଷ୍ଠୀ, ୨୪ : ଦେବସ୍ନାନ ପୂର୍ଣ୍ଣିମା ।

**ଜୁଲାଇ**
୦୬ : ପଠାଣି ସାମନ୍ତଙ୍କ ତିରୋଧାନ ଦିବସ, ୦୯ : ଅମାବାସ୍ୟା, ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ, ୧୨ : ଗୁଣ୍ଡିଚା ରଥଯାତ୍ରା, ୨୦ : ବାହୁଡ଼ା ରଥଯାତ୍ରା, ୨୪ : ବ୍ୟାସ ଓ ଗୁରୁ ପୂର୍ଣ୍ଣିମା ।

**ଅଗଷ୍ଟ**
୧୫ : ସ୍ୱାଧୀନତା ଦିବସ, ଶ୍ରୀଅରବିନ୍ଦଙ୍କ ଜୟନ୍ତୀ, ୨୦ : ମହରମ୍, ୨୨ : ରାକ୍ଷୀ ପୂର୍ଣ୍ଣିମା, ୩୦ : ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ୩୧ : ନନ୍ଦ ଉତ୍ସବ ।

**ସେପ୍ଟେମ୍ବର**
୦୫ : ଗୁରୁ ଦିବସ, ୧୦ : ଗଣେଶ ଚତୁର୍ଥୀ, ୧୧ : ନୂଆଖାଇ, ୧୬ : ସୁଦଶା ବ୍ରତ, ୧୭ : ବିଶ୍ୱକର୍ମା ପୂଜା, ୨୦ : ଭାଗବତ ଜନ୍ମ ।

**ଅକ୍ଟୋବର**
୦୨ : ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ, ୦୬ : ମହାଳୟା ଅମାବାସ୍ୟା, ୧୩ : ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ, ୧୪ : ମହାନବମୀ, ୧୫ : ଦଶହରା, ୧୯ : ମହମ୍ମଦଙ୍କ ଜନ୍ମ ଦିବସ, ୨୦ : କୁମାର ପୂର୍ଣ୍ଣିମା ।

**ନଭେମ୍ବର**
୦୩ : ଧନନ୍ତ୍ୱରୀ ଜୟନ୍ତୀ, ୦୪ : ଶ୍ୟାମାକାଳୀ ପୂଜା, ଦୀପାବଳି, ୧୨ : ଅଁଳା ନବମୀ, ୧୪ : ଶିଶୁ ଦିବସ, ୧୯ : ରାସ ପୂର୍ଣ୍ଣିମା, ୨୭ : ପ୍ରଥମାଷ୍ଟମୀ ।

**ଡିସେମ୍ବର**
୦୪ : ମହୋଦଧି ଅମାବାସ୍ୟା, ୧୯ : ପଣ୍ଡୁ ପୂର୍ଣ୍ଣିମା, ୨୫ : ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିନ (ବଡ଼ଦିନ) ।

### ଜୁଲାଇ

| | | | | | |
|---|---|---|---|---|---|
| ରବି | | ୪ | ୧୧ | ୧୮ | ୨୫ |
| ସୋମ | | ୫ | ୧୨ | ୧୯ | ୨୬ |
| ମଙ୍ଗଳ | | ୬ | ୧୩ | ୨୦ | ୨୭ |
| ବୁଧ | | ୭ | ୧୪ | ୨୧ | ୨୮ |
| ଗୁରୁ | ୧ | ୮ | ୧୫ | ୨୨ | ୨୯ |
| ଶୁକ୍ର | ୨ | ୯ | ୧୬ | ୨୩ | ୩୦ |
| ଶନି | ୩ | ୧୦ | ୧୭ | ୨୪ | ୩୧ |

### ଅଗଷ୍ଟ

| | | | | | |
|---|---|---|---|---|---|
| ରବି | ୧ | ୮ | ୧୫ | ୨୨ | ୨୯ |
| ସୋମ | ୨ | ୯ | ୧୬ | ୨୩ | ୩୦ |
| ମଙ୍ଗଳ | ୩ | ୧୦ | ୧୭ | ୨୪ | ୩୧ |
| ବୁଧ | ୪ | ୧୧ | ୧୮ | ୨୫ | |
| ଗୁରୁ | ୫ | ୧୨ | ୧୯ | ୨୬ | |
| ଶୁକ୍ର | ୬ | ୧୩ | ୨୦ | ୨୭ | |
| ଶନି | ୭ | ୧୪ | ୨୧ | ୨୮ | |

### ସେପ୍ଟେମ୍ବର

| | | | | | |
|---|---|---|---|---|---|
| ରବି | | ୫ | ୧୨ | ୧୯ | ୨୬ |
| ସୋମ | | ୬ | ୧୩ | ୨୦ | ୨୭ |
| ମଙ୍ଗଳ | | ୭ | ୧୪ | ୨୧ | ୨୮ |
| ବୁଧ | ୧ | ୮ | ୧୫ | ୨୨ | ୨୯ |
| ଗୁରୁ | ୨ | ୯ | ୧୬ | ୨୩ | ୩୦ |
| ଶୁକ୍ର | ୩ | ୧୦ | ୧୭ | ୨୪ | |
| ଶନି | ୪ | ୧୧ | ୧୮ | ୨୫ | |

### ଅକ୍ଟୋବର

| | | | | | |
|---|---|---|---|---|---|
| ରବି | ୩୧ | ୩ | ୧୦ | ୧୭ | ୨୪ |
| ସୋମ | | ୪ | ୧୧ | ୧୮ | ୨୫ |
| ମଙ୍ଗଳ | | ୫ | ୧୨ | ୧୯ | ୨୬ |
| ବୁଧ | | ୬ | ୧୩ | ୨୦ | ୨୭ |
| ଗୁରୁ | | ୭ | ୧୪ | ୨୧ | ୨୮ |
| ଶୁକ୍ର | ୧ | ୮ | ୧୫ | ୨୨ | ୨୯ |
| ଶନି | ୨ | ୯ | ୧୬ | ୨୩ | ୩୦ |






### ନଭେମ୍ବର

| | | | | | |
|---|---|---|---|---|---|
| ରବି | | ୭ | ୧୪ | ୨୧ | ୨୮ |
| ସୋମ | ୧ | ୮ | ୧୫ | ୨୨ | ୨୯ |
| ମଙ୍ଗଳ | ୨ | ୯ | ୧୬ | ୨୩ | ୩୦ |
| ବୁଧ | ୩ | ୧୦ | ୧୭ | ୨୪ | |
| ଗୁରୁ | ୪ | ୧୧ | ୧୮ | ୨୫ | |
| ଶୁକ୍ର | ୫ | ୧୨ | ୧୯ | ୨୬ | |
| ଶନି | ୬ | ୧୩ | ୨୦ | ୨୭ | |

### ଡିସେମ୍ବର

| | | | | | |
|---|---|---|---|---|---|
| ରବି | | ୫ | ୧୨ | ୧୯ | ୨୬ |
| ସୋମ | | ୬ | ୧୩ | ୨୦ | ୨୭ |
| ମଙ୍ଗଳ | | ୭ | ୧୪ | ୨୧ | ୨୮ |
| ବୁଧ | ୧ | ୮ | ୧୫ | ୨୨ | ୨୯ |
| ଗୁରୁ | ୨ | ୯ | ୧୬ | ୨୩ | ୩୦ |
| ଶୁକ୍ର | ୩ | ୧୦ | ୧୭ | ୨୪ | ୩୧ |
| ଶନି | ୪ | ୧୧ | ୧୮ | ୨୫ | |


ନବବର୍ଷ-୨୦୨୧ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ । ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।
ଶୁଭ୍ରାଂଶୁ ଶେଖର ପଣ୍ଡା
ସରକାରୀ ସହକାରୀ ଆଇନଜୀବୀ, ବଲାଙ୍ଗିର


ନବବର୍ଷ-୨୦୨୧
ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ।
ସନାତନ ଠାକୁର
ପେଲେସ୍ ଲାଇନ୍, ବଲାଙ୍ଗିର


ନବବର୍ଷ ୨୦୨୧
ନୂଆଁ ବଛର୍ ନୂଆଁ ଧର୍‌ସା ଦଉ ଜଗତ୍ କେ । ସମ୍‌କୁ ଜୁହାର ।
ପ୍ରଭାକର ମିଶ୍ର
ସାଧାରଣ ସଂପାଦକ
ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚ, ବଲାଙ୍ଗିର


ନବବର୍ଷ-୨୦୨୧ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ।
ଅଶୋକ କୁମାର ମିଶ୍ର
ଚଳଚ୍ଚିତ୍ର ନିର୍ଦ୍ଦେଶକ (ଏଫ୍‌ଟିଆଇଆଇ)
ବଲାଙ୍ଗିର


ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ୨୦୨୧ ।
ମୀନକେତନ ବାରଲେବଡ଼ିଆ
ମୁଖ୍ୟ ସଂପାଦକ : ଟିକି କାଇଁଚ
ଭୁବନେଶ୍ୱର


ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ । ଜଗତ୍ ସ୍ରଷ୍ଟାଙ୍କଠାରେ ଏତିକି କାମନା ।
ଚତୁର୍ଭୁଜ ସାଆନ୍ତ
ଟିଟିଲାଗଡ଼, ବଲାଙ୍ଗିର



Dipti Ranjan Nayak
Furniture Plaza & Electronics
Mob.: 9937854375, 9938331910, 9861911471
UDAYAVIHAR, DOCHHAKI, PARADIP


# ଆଉ ନାହାନ୍ତି ବରିଷ୍ଠ ସାମ୍ବାଦିକ ଶଙ୍କର ମିଶ୍ର



ବଲାଙ୍ଗିର, (ନିପ୍ର) : ବଲାଙ୍ଗିରର ବରିଷ୍ଠ ସାମ୍ବାଦିକ ତଥା ସାମ୍ବାଦିକ ନେତା ଶଙ୍କର ପ୍ରସାଦ ମିଶ୍ର ଆଉ ନାହାନ୍ତି । ଗତ ୩୦ ତାରିଖ ଦିନ ୧୨ଟା ୪୫ ସମୟରେ ସମ୍ବଲପୁର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ସମୟରେ ତାଙ୍କୁ ୬୪ ବର୍ଷ ହେଉଥିଲା । ଶେଷ ସମୟରେ ତାଙ୍କ ଧର୍ମପତ୍ନୀ ଓ ଦୁଇ ଝିଅ ପାଖରେ ଥିଲେ । ସୂଚନା ଅନୁସାରେ, ଗତ ବୁଧବାର ଦିନ ଶ୍ରୀ ମିଶ୍ର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବଲାଙ୍ଗିରର ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଶ୍ରୀ ମିଶ୍ରଙ୍କୁ ପରିବାର ଲୋକେ ଶୁକ୍ରବାର ରାତିରେ ସମ୍ବଲପୁର ସ୍ଥିତ ଆରୋଗ୍ୟମ୍ ହସପିଟାଲରେ ଭର୍ତ୍ତି କରିଥିଲେ । ଶ୍ରୀ ମିଶ୍ରଙ୍କ ଅବସ୍ଥା ୩୦ ତାରିଖ ଦିନ ସକାଳୁ ବିଶେଷ ଭାବେ ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଥିଲା । ତେବେ ସେହି ଦିନ ୧୨ଟା ୪୫ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

ପ୍ରକାଶ ଯେ, ଦୈନିକ ଆଶା ଖବର କାଗଜରୁ ନିଜର ସାମ୍ବାଦିକତା ଆରମ୍ଭ କରିଥିବା ଶ୍ରୀ ମିଶ୍ର ଦୀର୍ଘ ଚାଳିଶ ବର୍ଷ କାଳ ସାମ୍ବାଦିକତା ସହ ଜଡିତ ଥିଲେ । ସାମ୍ବାଦିକ ସଂଘ ମାଧ୍ୟମରେ ସାମ୍ବାଦିକମାନଙ୍କୁ ଏକଜୁଟ କରି ସେମାନଙ୍କ ବିଭିନ୍ନ ସମସ୍ୟା ବିରୋଧରେ ଆଜୀବନ ଲଢେଇ ଜାରି ରଖିଥିଲେ । ଶ୍ରୀ ମିଶ୍ର ସଂପ୍ରସାରିତ ବଲାଙ୍ଗିର ସାମ୍ବଦିକ ସଂଘର ପ୍ରଥମ ସଂପାଦକ ଭାବେ ଦାଇତ୍ୱ ତୁଲାଇବା ପରେ ବଲାଙ୍ଗିର ସାମ୍ବାଦିକ ସଂଘର ସଭାପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ । ବଲାଙ୍ଗିରରେ ସାଂବାଦିକ ଭବନ ନିର୍ମାଣରେ ତାଙ୍କର ଅଗ୍ରଣୀ ଭୂମିକା ରହିଥିଲା । ବଲାଙ୍ଗିର ସଂଘରୁ ରାଜ୍ୟକୁ ମନୋନୀତ ହୋଇ ଓଡିଶା ସାମ୍ବାଦିକ ସଂଘର ଉପ ସଭାପତି, ପରେ ପରେ ସଭାପତି ଭାବେ ଦାଇତ୍ୱ ମଧ୍ୟ ତୁଲାଇଥିଲେ । ସେହିପରି ଓଡିଶା ସାମ୍ବାଦିକ ସଂଘରୁ ମନୋନୀତ ହୋଇ ରାଷ୍ଟ୍ରୀୟ ସାମ୍ବାଦିକ ସଂଘର ଉପ ସଭାପତି ଭାବେ ଦାଇତ୍ୱ ତୁଲାଇ ବଲାଙ୍ଗିର ମାଟି ପାଇଁ ଗୌରବ ଆଣି ଦେଇଥିଲେ । ତାଙ୍କର ବିୟୋଗରେ ପରିଚିତ ମାହୋଲରେ ଶୋକର ଛାୟ ଖେଳିଯାଇଛି । ଶ୍ରୀ ମିଶ୍ରଙ୍କ ଅମର ଅତ୍ମାର ସଦଗତି ପାଇଁ ବିଭିନ୍ନ ମହଲରେ ପ୍ରାର୍ଥନା କରାଯାଇଛି ।

ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ମିଶ୍ର ସାହିତ୍ୟ ପ୍ରତି ମଧ୍ୟ ବିଶେଷ ମନୋନିବେଶ କରିଥିଲେ । ପୁସ୍ତକ ଅଧ୍ୟୟନ ଓ ତାହାର ଉଚିତ ମାନ ନିରୁପଣ ଦିଗରେ ସେ ସିଦ୍ଧହସ୍ତତା ପ୍ରତିପାଦନ କରିଥିଲେ । ଜଣେ ସୁବକ୍ତା ଭାବେ ସୁନାମ ଅର୍ଜନ କରିଥିବା ବେଳେ ସ୍ୱଷ୍ଟବାଦୀ ମନୋଭାବ ତାଙ୍କ ଭିତରେ ଜାଗ୍ରତ ହୋଇ ରହିଥିଲା । ସାମ୍ବାଦିକମାନଙ୍କ ହକ୍ ପାଇଁ ସଦାସର୍ବଦା ଲଢ଼େଇ ଜାରି ରଖିଥିଲେ । ସାମ୍ବାଦିକତା ସଂପର୍କରେ ବିଶେଷ ଜ୍ଞାନ ଅର୍ଜନ କରିଥିବା ସ୍ୱର୍ଗତ ମିଶ୍ରଙ୍କ ଆଳାପ ଆଲୋଚନା ମଧ୍ୟ ବିଶେଷ ଭାବେ ଶ୍ରୋତାଙ୍କୁ ଆକର୍ଷିତ କରି ପାରୁଥିଲା । ତାଙ୍କ ବିୟୋଗରେ ଏକ ବିଶେଷ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ଯାହା ନିଶ୍ଚିତ ଭାବେ ଅପୂରଣୀୟ ବୋଲି ତାଙ୍କ ପ୍ରଶଂସକମାନେ ପ୍ରକାଶ କରିଛନ୍ତି ।



ନବବର୍ଷ-୨୦୨୧ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପାଟଣା ମହାରାଜା
ରାଜେନ୍ଦ୍ର ନାରାୟଣ ସିଂହଦଓଙ୍କ ଆଦର୍ଶରେ ଅନୁପ୍ରାଣିତ
ରାଜେନ୍ଦ୍ର ଯୁବକ ସଂଘ
ବଲାଙ୍ଗିର


ନବବର୍ଷ-୨୦୨୧ ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରୁ । କରୋନା ଭଳି ମହାମାରୀ ହଟିଯାଉ ମାନବ ସମାଜରୁ । ଏତିକି ପ୍ରାର୍ଥନା ଭଗବାନଙ୍କଠାରେ ।
ଅଧ୍ୟାପକ ରଂଜନ କୁମାର ପାଣିଗ୍ରାହୀ
ଜରାସିଂହା +୨ ମହାବିଦ୍ୟାଳୟ, ଜରାସିଂହା


ନବବର୍ଷ-୨୦୨୧ ଜଗତ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣି ଦେଉ, ଏତିକି କାମନା ।
ଡ. ସୁବିଜ୍ଞ ଗଡ଼ତ୍ୟା
ଅଧ୍ୟାପକ, ରୋଡ୍ କଲେଜ୍
ଆଗଲପୁର


ନବବର୍ଷ-୨୦୨୧
ନବବର୍ଷ-୨୦୨୧ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ।
ପ୍ରଦୀପ କୁମାର ଖମାରୀ
ସାଧାରଣ ସଂପାଦକ : ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ବଲାଙ୍ଗିର


ନବବର୍ଷ-୨୦୨୧ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ।
ଶଙ୍କର ସାହୁ
ପେଲେସ୍ ଲାଇନ୍ ବଲାଙ୍ଗିର


ନବବର୍ଷ-୨୦୨୧
ନବ ବର୍ଷ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ ।
ପ୍ରତାପ ଚନ୍ଦ୍ର ରଥ
ସଂପାଦକ : ଅବସରପ୍ରାପ୍ତ ସୈନିକ ସଂଘ
ବଲାଙ୍ଗିର

## ହେ ଇଶ୍ୱର, ହେ ପରମେଶ୍ୱର.... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

କିଛି ଚାହେଁ ନାହିଁ, ଅଥଚ ଦେଖାଯାଏ ଯେ ତା'ର ମଙ୍ଗଳକାମୀ ଓ ଲୋକପାଳୀ ସ୍ୱଭାବ ଅନ୍ୟମାନଙ୍କର ସ୍ୱାର୍ଥ, ସୁବିଧା ଓ ସମ୍ବର୍ଦ୍ଧନା କରିବା ଫଳରେ ଅବଦାନ ସ୍ୱରୂପ ସ୍ୱତ । ହିଁ ତା'ର ଭରଣ ପୋଷଣ ଓ ସମ୍ବର୍ଦ୍ଧନା ପାଇଁ ଜନ ଅନ୍ତରର ସଶ୍ରଦ୍ଧ ଲୋକ ଆକୃତିକୁ ଆକର୍ଷଣ କରେ ଏବଂ ତାହାରି ପରିଣାମ ସ୍ୱରୂପ ଅନନ୍ତ ଐଶ୍ୱର୍ଯ୍ୟ ତା'ର ଆପଣାର ହୋଇଯାଏ । ମଣିଷର ଯୋଗ୍ୟତା ଏବଂ ତାହାରି ବିନିମୟରେ ସଂପଦ ଅର୍ଜନ କରିବା ବୋଲି କହିଲେ ପ୍ରକୃତରେ ଏହି କଥାକୁ ହିଁ ବୁଝାଏ । ଏଭଳି ବ୍ୟକ୍ତିତ୍ୱବାନ୍ ମଣିଷ ଯୋଗ୍ୟତାର ବିନିଯୋଗରେ ଯେଉଁ ସଂପଦ ଲାଭ କରିଥାଏ, ନିଜେ ହିଁ ତା'ର ସ୍ରଷ୍ଟା । ସେଭଳି କ୍ଷେତ୍ରରେ ଅର୍ଜିତ ସଂପଦ ଅର୍ଜନକାରୀ ବ୍ୟକ୍ତିତ୍ୱର ଅନୁଗତ ଏବଂ ତାର ସେବା ଓ ସଂପୋଷଣ ପାଇଁ ଉଦ୍ଦିଷ୍ଟ । ଯୋଗ୍ୟତାଲବ୍ଧ ଏଭଳି ସଂପଦ ପ୍ରତିଦାନରେ ସେହି ଯୋଗ୍ୟତାର ହିଁ ରକ୍ଷଣାବେକ୍ଷଣ କରେ ଏବଂ ସତ୍ତାର ସଂପଦ ରୂପେ ଅସ୍ତିତ୍ୱକୁ ପୋଷଣ ଯୋଗାଏ । ସେଭଳି ସଂପଦର ଅର୍ଜନକାରୀ ବ୍ୟକ୍ତି ତାହାର ଅସ୍ତିତ୍ୱର ଜଗତରେ ଆଉ କୌଣସି ଶୂନ୍ୟତାବୋଧ ବା ଅଭାବବୋଧ ଦ୍ୱାରା ଆକ୍ରାନ୍ତ ହୁଏନାହିଁ । ଯୋଗ୍ୟତା ପ୍ରସୂତ ସ୍ୱାଭାବିକ ଉପାର୍ଜନ ତାହାର ଅସ୍ତିତ୍ୱକୁ ସମ୍ୟକ୍ ଭାବେ ପରିପୂରିତ ଓ ତୃପ୍ତ କରି ରଖିପାରେ । ଛଳେ-ବଳେ-କୌଶଳେ ଅକ୍ତିଆର୍‌କୁ ଆଣି ତାହା ଉପରେ ମାଲିକାନା ସାବ୍ୟସ୍ତ କରାଯାଇଥିବା ବା ଅର୍ଥ ବା ସଂପଦ ମଧ୍ୟର ଯୋଗ୍ୟତାର ଛାପ ନଥାଏ । ସେଭଳି ସଂପଦ ପାଖରେ ବ୍ୟକ୍ତିର ବ୍ୟକ୍ତିତ୍ୱବୋଧ ବଳି ପଡ଼ିଯାଏ । ଆପଣା ସଂପଦର ଭାରରେ ସେ ନିଜେ ହିଁ ହୋଇଥାଏ ଅଶାନ୍ତ, ଉଦ୍‌ବିଗ୍ନ ଓ ଭାରାକ୍ରାନ୍ତ । ସେଭଳି ସଂପଦ ମଣିଷର ସେବା କରିବା ପରିବର୍ତ୍ତେ ମଣିଷକୁ ହିଁ ତା'ର ସେବାରେ ଖଟାଏ । ମଣିଷ ଦ୍ୱାରା ସୃଷ୍ଟ ହେବା ପରିବର୍ତ୍ତେ ତାହା ମଣିଷକୁ ହିଁ ଆପଣାର ଗୋଲାମ ରୂପେ ସୃଷ୍ଟି କରିଥାଏ । ଯୋଗ୍ୟତା ଦ୍ୱାରା ଅର୍ଜିତ ଅର୍ଥ ସଂପଦ ସତ୍ତାର ସଂପଦ ରୂପେ ଅସ୍ତିତ୍ୱକୁ ପୋଷଣ ଯୋଗାଉଥିବା ସ୍ଥଳେ କାଇଦା ଦ୍ୱାରା ଅଧିକୃତ ସଂପଦ ସତ୍ତାର ପୋଷଣ ନ କରି ପ୍ରବୃତ୍ତିର ଇନ୍ଧନ ରୂପେ ବ୍ୟୟିତ ହୋଇଥାଏ । ପରିଣାମ ସ୍ୱରୂପ ଦେଖିବାକୁ ମିଳିଥାଏ ଯେ ହଜାର ଖାଇପିନ୍ଧି ଓ ଭୋଗସମ୍ଭାର ମଧ୍ୟରେ ବାସ କରି ମଧ୍ୟ ଏଭଳି ଅଧିକୃତ ଅର୍ଥ ସଂପଦରେ ସମ୍ପଦଶାଳୀ ବୋଲାଉଥିବା ବ୍ୟକ୍ତି ସତ୍ତାର ଜଗତରେ ଶୁଖି ମରୁଥାଏ । ଯୋଗ୍ୟତାକୁ ଅବଗ୍ୟା କରି କେବଳ କାଇଦା କୌଶଳକୁ ସଂପଦ ଆହରଣର ମାଧ୍ୟମ କରିଥିବା ସେଭଳି ଆତ୍ମସ୍ୱାର୍ଥୀ ଓ ଆପ୍ତସୁଖୀ ବ୍ୟକ୍ତିମାନେ ସେମାନଙ୍କ ଦ୍ୱାରା ଅଧିକୃତ ଅନନ୍ତ ବସ୍ତୁ ଭଣ୍ଡାର ଓ ଅର୍ଥସଂପଦ ମଧ୍ୟରୁ ଅସ୍ତିତ୍ୱର ପରିପୋଷଣ ପାଇଁ କାଣିଚାଏ ମଧ୍ୟ ଖୋରାକ ପାଇପାରନ୍ତି ନାହିଁ । ସେମାନଙ୍କ ପ୍ରବୃତ୍ତି ପରାୟଣ ଚରିତ୍ର କାଇଦା କୌଶଳ କରି ଯେତେ ଯାହା ଅକ୍ତିଆର କରିଥିଲେ ମଧ୍ୟ ତାହା ସତ୍ତା ସମ୍ବର୍ଦ୍ଧନାର ସହାୟକ ହୁଏନାହିଁ ।

ଯୋଗ୍ୟତାର ଅନୁଶୀଳନ ହିଁ ସାର୍ଥକ ସଂପଦ ଆହରଣର ପ୍ରସ୍ତୁତି । ଯୋଗ୍ୟତାକୁ ଅବଜ୍ଞା କରି ଅହେତୁକ ବସ୍ତୁବାଦ ଦ୍ୱାରା ଆକ୍ରାନ୍ତ ଆଧୁନିକ ମଣିଷ ସମସ୍ତ ଆଚରଣ ଓ ଐଶ୍ୱର୍ଯ୍ୟ ସତ୍ତ୍ୱେ ସତ୍ତା ଉପଭୋଗର କ୍ଷେତ୍ରରେ ଆଜି ଉପବାସୀ । ଅହେତୁକ ବସ୍ତୁବାଦକୁ ବିଦାୟ ଦେଇ ସତ୍ତାସମ୍ଭୂତ ଯୋଗ୍ୟତାର ଅନୁଶୀଳନ ହେଉ । ଯୋଗ୍ୟ ମଣିଷର ଯୋଗ୍ୟତା ଅର୍ଜିତ ସଂପଦରେ ଜୀବନ ଓ ଜଗତ ଉପଭୋଗ୍ୟ ହେଉ ।

ଭୁବନେଶ୍ୱର
ମୋ.ନଂ.୯୯୩୭୭୪୦୬୭୬







**'କୋଶଳ ପ୍ରବାହ' ସଦାସର୍ବଦା ଆପଣଙ୍କୁ ଖବର ସେବା ପ୍ରଦାନ ପାଇଁ ପ୍ରସ୍ତୁତ ରହିଛି । ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।**

## କୋଶଳ କଳାମଣ୍ଡଳର ପ୍ଲାଟିନମ୍ ଜୁବ୍‌ଲି..... (ପ୍ରଥମ ପୃଷ୍ଠାରୁ)

ସଭାରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ସମ୍ପାଦନା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଆବାହକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଉପ ଜିଲାପାଳ ସୁଧାକର ନାୟକ ମଞ୍ଚାସିନ ହୋଇଥିଲେ । ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ସଭାର ଉଦ୍ଦେଶ୍ୟ ଜ୍ଞାପନ, ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କୋଶଳ କଳାମଣ୍ଡଳର ନୂତନ ନିର୍ମାଣ ପାଇଁ ମାଷ୍ଟର ପ୍ଲାନକୁ ଜନସାଧାରଣଙ୍କ ମତାମତ ଆହ୍ୱାନ କରି ଏହାକୁ ଲୋକାର୍ପିତ କରାଯାଇଥିଲା । ଉନ୍ନତ ଲେଖା ସହ କଳା, ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତର ଭୂୟୋବିକାଶ ଦିଗରେ ଚତୁରଙ୍ଗ ନିୟମିତ ପ୍ରକାଶିତ ହୋଇ ଭାଷା ସାହିତ୍ୟର ସମୃଦ୍ଧି ଦିଗରେ ନିଜର ଯୋଗଦାନକୁ ନିଶ୍ଚିତ କରିବ ବୋଲି ମଞ୍ଚାସୀନ ଅତିଥି ଗଣ ମତ ଦେଇଥିଲେ । ସଭାର ପ୍ରାରମ୍ଭରେ ଇଷ୍ଟଦେବୀ ମା' ସମଲେଶ୍ୱରୀ, ମା' ପାଟଣେଶ୍ୱରୀ, କୋଶଳ କଳାମଣ୍ଡଳର ପ୍ରତିଷ୍ଠାତା ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ, ଚତୁରଙ୍ଗର ପ୍ରଥମ ସମ୍ପାଦକ କୁମାର ବ୍ରଜେନ୍ଦ୍ର ନାରାୟଣ ସିଂହଦେଓ ଓ କୋଶଳ କଳାମଣ୍ଡଳର ପୁନରୁଦ୍ଧାରରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଶରତ ଚନ୍ଦ୍ର ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ । ଆଗାମୀ ଏପ୍ରିଲ ୧୪ ମହା ବିଷୁବ ସଂକ୍ରାନ୍ତିରେ ଚତୁରଙ୍ଗ ନୂତନ ପ୍ରସ୍ତ ର ପ୍ରଥମ ସଂଖ୍ୟା ପ୍ରକାଶିତ ହେବ । ସଭାକୁ ସଂଯୋଜନା କରିବା ସହିତ ଶେଷରେ ସମ୍ପାଦନା ମଣ୍ଡଳୀ ସଦସ୍ୟ ସଂଦୀପ କୁମାର କୁଅଁର ଧନ୍ୟବାଦ ଦେଇଥିଲେ । ସଭାରେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରା, ଡ. ଶ୍ରୀକର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଷ୍ଟାଡିଂ କମିଟି ସଦସ୍ୟ ବିକ୍ରମାନନ୍ଦ ବହିଦାର, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଜ୍ୟୋତିର୍ମୟୀ ସାହୁ, କୋଶଳୀ ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀ, ବ୍ରଜମୋହନ ମିଶ୍ର, ଦୟାନିଧି ଆଚାର୍ଯ୍ୟ, ସନାତନ ଠାକୁର, ଲକ୍ଷ୍ମଣ କୁମାର ମେହେର, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଡ.ଘାସିରାମ ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ, ବିରେନ୍ଦ୍ର କୁମାର ଝାଙ୍କର, ନିଗମାନନ୍ଦ ନାଥ, ବିଭୁ କଲ୍ୟାଣ ଗଡତ୍ୟା, ଧନମତ ପାଣିଗ୍ରାହୀ, ଗୋପାଳ ପ୍ରଧାନ, ଜିଲା କଳାକାର ସଂଘ ସଭାପତି ଅବଦୁଲ ଜମାଲ ଖାଁ, ପଞ୍ଚମର ସଭାପତି ମୁରଲୀଧାରୀ ପତି ପ୍ରମୁଖ ଉପସ୍ଥିତ ଥିଲେ ।




## ବଲାଙ୍ଗିର ପୌରସଂସ୍ଥା, ବଲାଙ୍ଗିର

ବଲାଙ୍ଗିର ତଥା ଓଡ଼ିଶାର ସମସ୍ତ ଜନ ସାଧାରଣଙ୍କୁ ବଲାଙ୍ଗିର ପୌର ପରିଷଦ ୨୦୨୧ ନୂତନ ବର୍ଷ ଉପଲକ୍ଷେ ଅଭିନନ୍ଦନ ଜଣାଉଛି । ଏହି ନୂତନ ବର୍ଷରେ ସମସ୍ତେ ସୁଖ, ସମୃଦ୍ଧି, ଶାନ୍ତି-ମୈତ୍ରୀରେ ସହାବସ୍ଥାନ କରନ୍ତୁ । ବିଶେଷ କରି ସମସ୍ତେ ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରୁହନ୍ତୁ । ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହା ହିଁ ପ୍ରାର୍ଥନା ।

<u>ଜନସାଧାରଣଙ୍କୁ ଅନୁରୋଧ</u>

- ପୌର ପରିଷଦର ଧାର୍ଯ୍ୟ ଗୃହ ଟିକସ ନିୟମିତ ପଇଠ କରନ୍ତୁ ।
- ବ୍ୟବସାୟୀମାନେ ନିଜ ନିଜ ବ୍ୟବସାୟ ପାଇଁ ଟ୍ରେଡ୍ ଲାଇସେନ୍ସର ଆବେଦନ କରନ୍ତୁ ।
- ଘର ତିଆରି ନିମନ୍ତେ ପରିଷଦରୁ ବିଧିବଦ୍ଧ ଅନୁମତି ଗ୍ରହଣ କରନ୍ତୁ ।
- ପୌର ପରିଷଦର ସେସ୍‌ପୁଲ୍ ସେବାର ଲାଭ ଉଠାନ୍ତୁ ।
- ମଇଳା ଆବର୍ଜନାକୁ ଏଣେତେଣେ ନପକାଇ ଘରେ ଏବଂ ଦୋକାନରେ ଡଷ୍ଟ୍‌ବିନ୍‌ର ବ୍ୟବହାର କରନ୍ତୁ ।
- ରାସ୍ତାକଡ଼, ଡ୍ରେନ୍, ସରକାରୀ ଜମି, ପୋଖରୀ ତଥା ସାଗର ଇତ୍ୟାଦି ଜବର୍‌ଦଖଲ୍ କରନ୍ତୁ ନାହିଁ ।
- ଗରିବ ପରିବାରବର୍ଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରି ଏହାର ଲାଭ ଉଠାନ୍ତୁ ।
- ବୈଶ୍ୱିକ ମହାମାରୀ କରୋନାର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସରକାରଙ୍କ ନିୟମାବଳୀକୁ ଅନୁସରଣ କରନ୍ତୁ ।

ବଲାଙ୍ଗିର ସହରର ସ୍ୱଚ୍ଛତା, ସୁନ୍ଦରତା ତଥା ଉନ୍ନତିମୂଳକ କାର୍ଯ୍ୟରେ ସହାୟକ ହୁଅନ୍ତୁ ।

**ଶ୍ରୀ ବିପିନ ବିହାରୀ ଦୀପ**
ନିର୍ବାହୀ ଅଧିକାରୀ
ପୌର ପରିଷଦ, ବଲାଙ୍ଗିର

**ଶ୍ରୀ ଚଞ୍ଚଳ ରାଣା**
ଜିଲ୍ଲାପାଳ ବଲାଙ୍ଗିର ତଥା ପ୍ରଶାସକ
ପୌର ପରିଷଦ, ବଲାଙ୍ଗିର




ନବବର୍ଷ-୨୦୨୧ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।
'କୋଶଳ ପ୍ରବାହ' ପରିବାର




## ନବବର୍ଷ ଶୁଭେଚ୍ଛା

ନବବର୍ଷ-୨୦୨୧ ଉପଲକ୍ଷେ ସଇଁତଲା ବ୍ଲକ୍ ତଥା ଡେଙ୍ଗ୍ ଗ୍ରାମ ପଞ୍ଚାୟତର ସମସ୍ତ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଜଗତ ସ୍ରଷ୍ଟା ମାନବ ସମାଜକୁ ସୁଖ ସମୃଦ୍ଧି ପ୍ରଦାନ କରନ୍ତୁ, ଏତିକି ପ୍ରାର୍ଥନା ।

**ଅକ୍ଷୟ ମହାନ୍ତି**
କାର୍ଯ୍ୟନିର୍ବାହୀ ଅଧିକାରୀ, ଡେଙ୍ଗ୍ ଗ୍ରା.ପ., ସଇଁତଲା











































Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com
Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com
ସଂପାଦକ : ଆନନ୍ଦ ଚନ୍ଦ୍ର ସାହୁ
Editor : Ananda Chandra Sahu